## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

କାଳିମେଳା, ୬।୧୦(ଡି.ଏନ.ଏ.)- ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ଏମ୍‌ଭି-୯୦ ଗ୍ରାମରେ ଜଣେ ଯୁବକ ଫାଶ ଲଗାଇ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଏମ୍‌ଭି-୯୦ ଗ୍ରାମର ଶିବୁ ସରକାରଙ୍କ ପୁଅ ପ୍ରକାଶ ସରକାର (୨୭)। ପ୍ରକାଶ ରାତିରେ କୁଆଡେ ବୁଲାବୁଲି କରିବାକୁ ଯାଇଥିଲେ। ତାଙ୍କ ପରିବାର ଲୋକେ ମଧ୍ଯ କାଳିମେଳାକୁ ଦୁର୍ଗାପୂଜା ମେଳା ବୁଲିବାକୁ ଆସିଥିଲେ। ପରିବାର ଲୋକ ମେଳା ବୁଲି ରାତି ୧୨ଟାରେ ଘରେ ପହଞ୍ଚି ପ୍ରକାଶ ଏକ ଚାଦର ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବର ପାଇ କାଳିମେଳା ସରପଞ୍ଚ ପୃଥ୍ୱୀରାଜ ମାଝି ପହଞ୍ଚି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶଙ୍କ ମାନସିକ ଅବସ୍ଥା ଭଲ ନ ଥିଲା। ସେ ଏମ୍‌ଭି-୯୦ ଗ୍ରାମରେ ଥିବା ତାଙ୍କ ବଡଭାଇଙ୍କ ଦୋକାନରେ ରହି ସାହାଯ୍ୟ କରୁଥିଲେ। ତେବେ ସେ କାହିଁକି ଆତ୍ମହତ୍ୟା କଲେ ତାହା ଜଣାପଡିନାହିଁ। ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### ଅବକାରୀ ଚଢ଼ାଉ

ଜୟପୁର,୬।୧୦(ନି.ପ୍ର.)-ଜୟପୁର ସଦର ଥାନା ଅନ୍ତର୍ଗତ ଗଡ଼ପଦର ଜଙ୍ଗଲରେ ଅବକାରୀ ବିଭାଗ ଚଢ଼ାଉ କରି ବ୍ୟବସାୟୀମାନେ ଚୋରାଚାଲାଣ କରିବାକୁ ରଖିଥିବା ମଦ ଓ ପୋଚ ଜବତ କରିଛି। ଏନେଇ ପୂର୍ବ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। କର୍ମଚାରୀମାନେ ମଦଭାଟି ଭାଙ୍ଗିବା ସହ ଘଟଣାସ୍ଥଳରୁ ମଦ, ମଦରନ୍ଧା ସରଞ୍ଜାମ ଓ ପୋଚ ଜବତ କରିଛନ୍ତି।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଜୟପୁର, ୬।୧୦ (ନି.ପ୍ର.)- ଗ୍ରେସ୍ ଚର୍ଚ୍ଚ ପକ୍ଷରୁ ଜୟପୁର ସହରରେ ମାଗାଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କାଉନସିଲର ପ୍ରଣବ କିଶୋର ନାୟକ ଉପସ୍ଥିତ ଥିଲେ। ବିଜୁ ରାଜନଗରଠାରେ ଆୟୋଜିତ ଏହି ଶିବିରରେ ସହରର ଗ୍ରେସ୍ ଚର୍ଚ୍ଚ, ବିଜୁ ରାଜନଗର ଖ୍ରୀଷ୍ଟିଆନପେଟା ସହ ଆଖପାଖ ଅଞ୍ଚଳର ବହୁ ରୋଗୀ ଆସି ଚିକିତ୍ସିତ ହୋଇଥିଲେ। ୨ ଜଣ ଡାକ୍ତର ରୋଗୀ ଚିକିତ୍ସା କରି ଔଷଧ ପ୍ରଦାନ କରିଥିଲେ।

### ରକ୍ତ ଦେଇ ମହିଳାଙ୍କ ଜୀବନ ବଞ୍ଚାଇଲେ ସାମାଜିକ କର୍ମୀ

ମାଲକାନଗିରି, ୬।୧୦(ସ୍ୱ.ପ୍ର.)- ରକ୍ତ ଦେଇ ଜଣେ ମହିଳାଙ୍କ ଜୀବନ ବଞ୍ଚାଇଛନ୍ତି ଜଣେ ମହିଳା ସମାଜିକ କର୍ମୀ। ମାଥିଲି ବ୍ଲକ ଅନ୍ତର୍ଗତ କତାପଲ୍ଲୀ ପଞ୍ଚାୟତ ପିତାଗଁ ଗ୍ରାମର କୃଷ୍ଣ କାଣ୍ଡକିଙ୍କ ସ୍ତ୍ରୀ ରମା କାଣ୍ଡକି ଗତ ୩ ଦିନ ଧରି ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେ ରକ୍ତ ଅଭାବରୁ ଜୀବନମରଣ ସହ ସଂଗ୍ରାମ କରୁଥିଲେ। ଗୁରୁବାର ସକାଳୁ ଏହି ଅଞ୍ଚଳରୁ ୨ ଜଣ ବ୍ୟକ୍ତି ଆସି ମାଲକାନଗିରି ରକ୍ତ ଭଣ୍ଡାରରେ ଏ ପଜିଟିଭ ରକ୍ତ ପାଇଁ ନିବେଦନ କରିଥିଲେ। ରକ୍ତ ଭଣ୍ଡାରରେ ରକ୍ତ ନ ଥିବାରୁ ସବୁଠି ଚେଷ୍ଟା କରି ସେମାନେ ନିରାଶ ହୋଇଥିଲେ। ଶେଷରେ ସମାଜିକ କର୍ମୀ ରାମକୃଷ୍ଣ ଚୌଧୁରୀଙ୍କ ନିକଟକୁ ଯାଇଥିଲେ। ସେଠାରେ ରାମ ନ ଥିବାରୁ ତାଙ୍କ ସ୍ତ୍ରୀ ଭାରତୀ



ରକ୍ତ ଦେବାକୁ ସହମତି ପ୍ରକାଶ କରିଥିଲେ। ସେ ରକ୍ତଭଣ୍ଡାରକୁ ଯାଇ ନମୁନା ପରୀକ୍ଷା ପରେ ରକ୍ତଦାନ କରିଥିଲେ।

### ମୁରଲୀ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ଜୟପୁର, ୬।୧୦ (ନି.ପ୍ର.)-ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱର୍ଗତ ମୁରଲୀ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଦଶହରା ସମୟରେ ଜୟପୁର ରଜାନହର ଛକରେ ମେଲୋଡି କାର୍ଯ୍ୟକ୍ରମରେ ସେ ଯାଯାବର ଗୀତ ଗାଇଥିଲେ। ଗୀତ ଗାଇବାର କିଛି ସମୟ ପରେ ସେ ଷ୍ଟେଜ୍‌ରୁ ତଳେ ପଡିଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ସେଠାରେ ମୁରଲୀଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ସ୍ୱର୍ଗତ ମୁରଲୀ ପେସାରେ ଜଣେ ବରିଷ୍ଠ କିରାଣି ଥିଲେ। ତେବେ ଗୀତ ଗାଇବା ତାଙ୍କର ନିଶା ଥିଲା। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଶୋକସଭାରେ ମୁରଲୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଉପ ଜିଲାପାଳ ବେଦଠବର ପ୍ରଧାନଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅଭିଯୋଗର ମାସେ ବିତିଲାଣି, କାର୍ଯ୍ୟାନୁଷ୍ଠାନ ନାହିଁ

## ଉମୁରି ବିଦ୍ୟାଳୟରେ ବେଆଇନ ଅର୍ଥ ଆଦାୟ ଘଟଣା

କୋରାପୁଟ,୬।୧୦(ସ୍ୱ.ପ୍ର.)

ଉମୁରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କଠାରୁ ବେଆଇନ ଭାବେ ଅର୍ଥ ଅଦାୟ ଅଭିଯୋଗ ହେବାର ମାସେ ବିତିଯାଇଥିଲେ ମଧ୍ୟ ଏନେଇ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତଦନ୍ତ ଶେଷ ହୋଇଥିଲେ ମଧ୍ୟ ପ୍ରଶାସନ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ କାହିଁକି ଶିଥିଳତା ଅବଲମ୍ବନ କରୁଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ଉମୁରି ଗ୍ରାମବାସୀ, ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦଶହରା ଛୁଟି ପରେ ଘଟଣାକୁ ନେଇ ଆନ୍ଦୋଳନ କରାଯିବ ବୋଲି କୋରାପୁଟ ବ୍ଲକ କଂଗ୍ରେସ ସଭାପତି ରମେଶ ବ୍ୟାଖ୍ୟା କହିଛନ୍ତି।

ଖବରରୁ ଜଣାପଡିଛି, କୋରାପୁଟ ବ୍ଲକ ଅଧୀନରେ ଥିବା ଉମୁରି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ବେହେରା ଚଳିତ ଶିକ୍ଷା ବର୍ଷରେ ବିଦ୍ୟାଳୟରେ ନାମ ଲେଖାଇଥିବା ଆଦିବାସୀ ଓ ହରିଜନ ଛାତ୍ରୀଛାତ୍ରଙ୍କଠାରୁ ୪୫୦ ଟଙ୍କା ଆଦାୟ କରିଥିଲେ। ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ପ୍ରତି ଛାତ୍ରୀଛାତ୍ରଙ୍କଠାରୁ ୨ଶହରୁ ୩ ଶହ ଯାଏ ମଧ୍ୟ ଅର୍ଥ ଆଦାୟ କରିଥିଲେ। ଏହାକୁ ନେଇ ଗତ ସେପ୍ଟେମ୍ବର ୫ରେ କୋରାପୁଟରେ ଜିଲାପାଳଙ୍କ ଜନଶୁଣାଣି ପ୍ରକୋଷ୍ଠରେ ସ୍ଥାନୀୟ ସରପଞ୍ଚ ଓ ଅଭିଭାବକମାନେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତରବରିଆ ଭାବେ ରାତି ଅଧିଆ କେତେଜଣ ଛାତ୍ରୀଛାତ୍ରଙ୍କ ଘରକୁ ଯାଇ କିଛି ଟଙ୍କା ଫେରାଇବା ଏବଂ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦସ୍ତଖତରେ ୧୫୦ ଟଙ୍କାର ମନିରିସିପ୍ଟ ଛାତ୍ରୀଛାତ୍ରଙ୍କୁ ଦେବା ଜଣାପଡିଥିଲା। ଏନେଇ ଅଭିଯୋଗ ପରେ ଜିଲାପାଳ ଅବଦାଲ ଏମ୍. ଅଖତାର ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡିଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ଜିଲା ମଙ୍ଗଳ ଅଧିକାରୀ ଦୁଇ ଦୁଇ ଥର ଉମୁରି ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରିଥିଲେ। ଏଥିସହ ଛାତ୍ରୀଛାତ୍ର,ଅଭିଭାବକ, ଗ୍ରାମବାସୀ ଓ ଲୋକପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ଏହାର ଚୂଡାନ୍ତ ରିପୋର୍ଟ ଗତ ୧୭ ତାରିଖରେ ପ୍ରଶାସନକୁ ପ୍ରଦାନ କରାଯାଇଥିବାବେଳେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାକୁ ନେଇ ଗ୍ରାମବାସୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ୧୦ ତାରିଖରେ ବିଦ୍ୟାଳୟ ଖୋଲିବା ପରେ ସେମାନେ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

# ଅଟୋ-ଟ୍ୟାଙ୍କର ମୁହାଁମୁହିଁ ଧକ୍କା: ଜଣେ ମୃତ, ୫ ଗୁରୁତର

ପଟ୍ଟାଙ୍ଗୀ,୬।୧୦ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ତଥା ପୋଡ଼ାପଦର ଛକରେ ଏକ ଟ୍ୟାଙ୍କର ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି, ଆନ୍ଧ୍ରର ମହା ସିମେଣ୍ଟ କାରଖାନାର ଏକ ଟ୍ୟାଙ୍କର (ଏପି୧୬ଟିଇ-୬୨୩୦) ସେମିଳିଗୁଡା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଅଟୋ (ଏପି୩୯ଟିଜି-୭୯୬୧) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋରେ ଥିବା ୬ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିଲା। ସେ ଆନ୍ଧ୍ରର ବୋବୁଲି ଅଞ୍ଚଳର ସୁର ବୋଲି ଜଣାପଡିଛି। ଅନ୍ୟ ୫ଜଣଙ୍କ ମଧ୍ୟରୁ ଏମ୍.ସାକାରଙ୍କ ଅବସ୍ଥା ଭଲ ଥିବା ବେଳେ ଏମ୍. ନୁକାଲୁ, ଅଟୋ ଡ୍ରାଇଭର ଟି. ଶ୍ୟାମ, ଏମ୍. ଆପାରାଓ ଏବଂ ଏମ୍. ମୀନାକ୍ଷୀ ଗୁରୁତର ଆହତ




ଓଲଟି ପଡିଥିବା ଟ୍ରକ।

ହୋଇଥିବା ଜଣାପଡିଛି। ସମସ୍ତ ଆହତ ବ୍ୟକ୍ତି ବେଲୁନ ବିକାଳି। ଏମାନେ ଆନ୍ଧ୍ରର ବୋବୁଲି ଅଞ୍ଚଳରୁ କୁନ୍ଦୁଲି ହାଟପଦାରେ ହେଉଥିବା ଦଶହରା ଯାତ୍ରାରେ ବ୍ୟବସାୟ କରିବାକୁ ଆସି ନିଜ ଗ୍ରାମକୁ ଫେରୁଥିଲେ। ସେହିପରି ଦୁର୍ଘଟଣାରେ ଟ୍ୟାଙ୍କର ଡ୍ରାଇଭର ୱାଇ.ଭି.ସତ୍ୟା ନାରାୟଣ ମଧ୍ୟ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଅଟୋରେ ଥିବା ଏମ୍. ଆପାରାଓଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଖବର ପାଇ ଏସ୍‌ଆଇ ପ୍ରଦୀପ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଅଟୋ ଏବଂ ଟ୍ୟାଙ୍କର ମଧ୍ୟରେ ଚାପି ହୋଇ ରହିଥିବା ଯାତ୍ରୀଙ୍କୁ ଉଦ୍ଧାରକରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଦୁର୍ଘଟଣା ସ୍ଥଳଟି ବୁଲାଣିଆ ରାସ୍ତା ହୋଇଥିରୁ ଦ୍ରୁତଗତିରେ ଆସୁଥିବା ଟ୍ୟାଙ୍କର ଅଟୋକୁ ମୁହାଁମୁହିଁ ଧକ୍କାଦେଇ ରାଜପଥ କଡ଼କୁ ଓଲଟି ପଡିଥିଲା।

# ଦଶହରା ମଣ୍ଡପରେ ମହିଳାଙ୍କ ସିନ୍ଦୂର ଖେଳ



ପୂଜା ମଣ୍ଡପରେ ମହିଳାଙ୍କ ସିନ୍ଦୂର ଖେଳ।

ମାଲକାନଗିରି ,୬।୧୦(ସ୍ୱ.ପ୍ର.)

ମାଲକାନଗିରି ଜିଲା ସଦର ମହକୁମା ଦଣ୍ଡକାରଣ୍ୟ ସାର୍ବଜନୀନ ପୂଜା ମଣ୍ଡପରେ ୬୦ ତମ ଦୁର୍ଗାପୂଜା ଅନୁଷ୍ଠିତ ହୋଇଛି। ମା' ଦୁର୍ଗାଙ୍କ ଦଶହରା ମଣ୍ଡପରେ ମହିଳାଙ୍କ ସିନ୍ଦୂର ଖେଳରେ ଦଶହରା ଉତ୍ସବ ଶେଷ ହୋଇଛି। ଏହି ସିନ୍ଦୂର ଖେଳ ଦେଖିବାକୁ ଶତାଧିକ ମହିଳା ପୁରୁଷଙ୍କ ପୂଜା ମଣ୍ଡପରେ ଭିଡ ଜମିଥିଲା। ଧୂପ, ଦୀପ, ମିଠା, ଭୋଗ, ସିନ୍ଦୁର, ପାନପତ୍ର ଦେଇ ମା' ଦୁର୍ଗାଙ୍କୁ ପ୍ରଥମେ ବନ୍ଦାପନା କରି ମା'ଙ୍କ ମୁଣ୍ଡରେ ସିନ୍ଦୁର ଲଗାଇ ମହିଳାମାନେ ମିଠା ଓ ପାନ ଖୁଆଇଥିଲେ। ପରେ ମା'ଙ୍କ ସମ୍ମୁଖରେ ନିଜ ନିଜ ମଧ୍ୟରେ ସିନ୍ଦୂର ଖେଳ ଖେଳିଥିଲେ। ସିନ୍ଦୂର ଖେଳ ସରିବା ପରେ ସେମାନେ କାନ୍ଦିକାନ୍ଦି ଦଶହରା ବିସର୍ଜନ ପାଇଁ ମା'ଙ୍କୁ ପ୍ରସ୍ତୁତ କରିଥିଲେ। ମାଲକାନଗିରି ଡିଏନକେ ଖେଳପଡିଆ ଦଣ୍ଡକାରଣ୍ୟ ସାର୍ବଜନୀନ ପୂଜା ମଣ୍ଡପରେ ଏହା ହୋଇଥିଲା। ଦଣ୍ଡକାରଣ୍ୟ ପ୍ରକଳ୍ପ ସମୟରୁ ପ୍ରଥମ କରି ମାଲକାନଗିରି ଜିଲାରେ ଏହି ଦୁର୍ଗପୂଜା ଆରମ୍ଭ ହୋଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ୬୦ ବର୍ଷ ଧରି ଏହି ମଣ୍ଡପରେ ଦୁର୍ଗାପୂଜା ପାଳିତ ହୋଇଆସୁଛି। ମହିଳାମାନେ ମଣ୍ଡପରେ ନିଜ ନିଜ ଭିତରେ ସିନ୍ଦୂର ବୋଳା ବୋଳି ହୋଇ ସିନ୍ଦୁର ଖେଳି ପୂଜା ଶେଷ କରିଥାନ୍ତି।

## ଶହୀଦ ଲକ୍ଷ୍ମଣ ନାୟକ ମହିଳା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚରେ ମାଲକାନଗିରିକୁ ହରାଇଲା ତାମାନପାଲି (ବି)

ଏମ୍‌ଭି ୭୯,୬।୧୦(ଡି.ଏନ.ଏ.)

ପ୍ରଥମ ଥର ପାଇଁ ଉପାନ୍ତ କାଳିମେଳା ବ୍ଲକ ଟିଗଲ ପଞ୍ଚାୟତ ତାମାନପାଲି ଗ୍ରାମରେ ଶହୀଦ ଲକ୍ଷ୍ମଣ ନାୟକ ମହିଳା ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଟୁର୍ନାମେଣ୍ଟରେ ମାଲକାନଗିରି ମହିଳା ଦଳ ସହ କାଳିମେଳା ବ୍ଲକର ୭ଟି ଆଦିବାସୀ ମହିଳା ଦଳ ଭାଗ ନେଇଥିଲେ। ବ୍ଲକ ଅଧ୍ୟକ୍ଷ ସୁବାସିନୀ ସୋଡି ମୁଖ୍ୟଅତିଥି ଭାବେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ଟିଗଲ ସରପଞ୍ଚ ଅମୀ କୁଞ୍ଜି, ବଡିଗେଟା ସରପଞ୍ଚ ଲିଲି ସୋଡି, ବଜା ମାଡକାମୀ , ଦେବା କୁଞ୍ଜି, ସମାଜିକ କର୍ମୀ ଉତ୍ତମ ଶାହା, ରେଖା ମୁଖାର୍ଜୀ, ମାଳାବରମ ସରପଞ୍ଚ ଦୁର୍ଗାଚରଣ ମାଡି ଏବଂ କାଳିମେଳା ବ୍ଲକ ଉପାଧ୍ୟକ୍ଷ ଲାକମା ମାଡକାମୀ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ମାଲକାନଗିରି ଦଳକୁ ତାମାନପାଲି (ବି) ଦଳ ୨ଗୋଲରେ ହରାଇଛନ୍ତି। ରେଫେରି ଦାୟିତ୍ୱ ପଙ୍କଜ ରାୟ ତୁଲାଉଛନ୍ତି।

## ଶାନ୍ତିଶୃଙ୍ଖଳାର ସହ ସରିଲା ପୂଜା

ମାଲକାନଗିରି,୬।୧୦(ଡି.ଏନ.ଏ.)

କୋଭିଡ୍ କଟକଣା ଯୋଗୁ ବନ୍ଦ ଥିବା ପର୍ବପର୍ବାଣି ଚଳିତବର୍ଷ ପାଳିତ ହୋଇଛି। ମାଲକାନଗିରି ଜିଲାରେ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ଯାଏ ମାଆ ଦୁର୍ଗତିନାଶିନୀ ଦୁର୍ଗାଙ୍କ ଦଶହରା ପୂଜା ଶାନ୍ତିଶୃଙ୍ଖଳାର ଶହ ଶେଷ ହୋଇଛି। ବିଭିନ୍ନ ଶକ୍ତିପୀଠ ଏବଂ ମଣ୍ଡପରେ ବିଭିନ୍ନ ପୂଜା କମିଟିପକ୍ଷରୁ ମା'ଙ୍କ ପୂଜା ପାଳିତ ହୋଇଥିଲା। ମାଲକାନଗିରି ସହର ସହ ବାଲିମେଳା, କାଳିମେଳା, ପଡ଼ିଆ, ଏମ୍‌ଭି-୭୯, କୋରୁକୋଣ୍ଡା, ଚିତ୍ରକୋଣ୍ଡା, ଖଇରପୁଟ, ମାଥିଲି, କତାମେଟା ଆଦି ସ୍ଥାନରେ ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ସପରିବାର ସମସ୍ତେ ଶକ୍ତିପୀଠ ଓ ମଣ୍ଡପରେ ମାଆଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଗ୍ରାମାଞ୍ଚଳରେ ହୋଇଥିବା ଦୁର୍ଗାପୂଜାରେ ଶତାଧିକ ଲାଠି ମଣ୍ଡପକୁ ଆଣି ପୂଜା କରାଯାଇଥିଲା। ସୁସଜ୍ଜିତ ଆଲୋକମାଳା, ବିଭନ୍ନ ବାଦ୍ୟ ଯନ୍ତ୍ରର ଧ୍ୱନି ସହ ଭକ୍ତି ସଙ୍ଗୀତ ପରିବେଶକୁ ଚଳଚଞ୍ଚଳ କରିଦେଇଥିଲା। ମାଲକାନଗିରିରେ ଶୁକ୍ରବାର ମାଆଙ୍କ ବିସର୍ଜନ ପାଇଁ ବାଲିସାଗରରେ ନିର୍ମାଣ ହୋଇଛି। ଅସ୍ଥାୟୀ ପୋଖରୀରେ ମାଆଙ୍କୁ ଶୋଭାଯାତ୍ରାରେ ଆଣି ବିସର୍ଜନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଆଇଆଇସି ରିଗାନ୍ କିଣ୍ଡୋ କହିଛନ୍ତି।

# ଅପରାଜିତା ପୂଜା ପରେ ଐତିହାସିକ ଦଶହରା ଶେଷ



ଅସ୍ଥାୟୀ ମଣ୍ଡପରେ ଚାଲିଥିବା ଅପରାଜିତା ପୂଜା।

ଜୟପୁର, ୬।୧୦ (ନି.ପ୍ର.)

ଜୟପୁରର ଐତିହାସିକ ଦଶହରା ପର୍ବ ପାରମ୍ପରିକ ରୀତିନୀତି ଅନୁସାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ଶେଷ ହୋଇଛି। ଏଥିସହ ପ୍ରସିଦ୍ଧ ଅପରାଜିତା ପୂଜା ଭୋର ୫ଟାରେ ଦଶହରା ପଡ଼ିଆଠାରେ ଶେଷ ହୋଇଛି। ଆତସବାଜି କାର୍ଯ୍ୟକ୍ରମ ସହ ରାବଣପୋଡ଼ିରେ ସହର ପ୍ରକମ୍ପିତ ହୋଇଥିଲା।

୨ ବର୍ଷ ପରେ ଦଶହରା ପଡ଼ିଆରେ ରାବଣପୋଡ଼ି ଆତସବାଜି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଅପରାଜିତା ପୁସ୍ତକ ଲୋକାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି ସଭାପତିତ୍ୱ କରିଥିଲେ। ଜିଲାପାଳ ଅବଦୁଲ ଅହମ୍ମଦ ଅଖତାର, ଏସ୍‌ପି ବରୁଣ ଗୁଣ୍ଡୁପାଲ୍ଲି, ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପଜିଲାପାଳ ବେଦବର ପ୍ରଧାନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ପ୍ରଧାନ ଚୁଲ୍ଲି ଆମ୍ମା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ମା'ଙ୍କ ପ୍ରତୀକ ଲାଠିଧାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଅପରାଜିତା ପୂଜାରେ ଅଧିଷ୍ଠାତ୍ରୀ ମା' ଦକ୍ଷିଣକାଳିକା, ଅଧିଷ୍ଠାତ୍ରୀ ମା' ଭଗବତୀ, ମା ବସନ୍ତାୟୀ , କନକଦୁର୍ଗାଙ୍କ ବିମାନ ବାହାରି ଜୟପୁର ଦଶହରା ପଡ଼ିଆରେ ପହଞ୍ଚିଥିଲା। ଦଶହରା ପଡ଼ିଆରେ ୪ଟି ଅସ୍ଥାୟୀ ମଣ୍ଡପ କରାଯାଇ ମା' ଅପରାଜିତାଙ୍କ ପୂଜା କରାଯାଇଥିଲା। ଏଥିସହ ରଜାନହରଠାରେ ବସାଯାଇଥିବା ମୃଣ୍ମୟ ମୂର୍ତ୍ତିଙ୍କୁ ମଧ୍ୟ ମେଲାଣି ପ୍ରଦାନ କରାଯାଇଥିଲା। ଯାତ୍ରା ଦେଖିବାକୁ ଅବିଭକ୍ତ କୋରାପୁଟ ଜିଲା ସମେତ ଆନ୍ଧ୍ର, ଛତିଶଗଡ଼ରୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠରୁ ଆସିଥିବା ଲାଠିଗୁଡ଼ିକ ବାଙ୍କମଠରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲା। ମା'ଙ୍କ ପ୍ରତୀକ ଲାଠିଧାରୀ ଆସି ଦଶହରାରେ ସାମିଲ ହୋଇ ଜୟପୁରବାସୀଙ୍କୁ ଆଶୀର୍ବାଦ କରି ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନା ଅଧିକାରୀ ସମ୍ପିତ ବେହେରା, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡିଙ୍କୁ ସମ୍ମାନିତ କରାଯାଇଛି।

# ରାଜ ଉଆସରେ ଦଶହରା



ରାଜ ଉଆସରେ ପାଳିତ ହେଉଥିବା ଦଶହରା।

ଜୟପୁର, ୬।୧୦ (ନି.ପ୍ର.)

ଜୟପୁର ସହରରେ ଗୁରୁବାର ରାଜ ଉଆସରେ ଦଶହରା ପାଳନ କରାଯାଇଛି। କ୍ରମେ ସମସ୍ତ ପରମ୍ପରା ଲୋପ ପାଇଯାଉଥିବା ବେଳେ ପୁଣି ଉଜ୍ଜୀବିତ କରିଛନ୍ତି ରାଜ ପରିବାର। ଦଶହରାରେ ରାଜମହଲରେ ଆଜି ଲାଠିପୂଜା, ନାଚଗୀତ ସହ ରାଜାରାଜୁଡ଼ା ଅମଳର ପରମ୍ପରାରେ ଦଶହରା ପାଳିତ ହୋଇଛି। ଯୁବରାଜ ବିଶ୍ୱେଶ୍ୱର ଦେବ ରାଜା ବେଶରେ ଦଶହରା ଦିନ ରାଜ ଉଆସରେ ଥିବା ଅଧିଷ୍ଠାତ୍ରୀ ମା' କନକଦୁର୍ଗାଙ୍କ ନିକଟରେ ପୂଜାପାଠ କରିଛନ୍ତି। ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ସମୟରେ ଜୟପୁର ରାଜ୍ୟର ସୂର୍ଯ୍ୟବଂଶୀ ରାଜା ବିଜୟ ଚନ୍ଦ୍ରାକ୍ଷ ଦେବ ତାଙ୍କୁ ସାହାଯ୍ୟ କରିଥିଲେ। ବିଜୟ ପରେ ଗଜପତି ରାଜା କାଞ୍ଚିରୁ ଆଣିଥିବା କନକଦୁର୍ଗାଙ୍କ ମୂର୍ତ୍ତିକୁ ଉପହାର ସ୍ୱରୂପ ଜୟପୁର ରାଜାଙ୍କୁ ଭେଟି ଦେଇଥିଲେ। ପରେ କନକଦୁର୍ଗା ଜୟପୁର ରାଜବଂଶର ଇଷ୍ଟଦେବୀ ଭାବେ ପୂଜା ପାଇଲେ। ୧୭୫୮ ଖ୍ରୀଷ୍ଟାବ୍ଦରେ ବିକ୍ରମଦେବ-୧ ଜୟପୁର ରାଜଧାନୀ ନନ୍ଦପୁରଠାରୁ ଜୟପୁରକୁ ଉଠାଇ ଆଣିଲେ। ଏଥିସହ ଜୟପୁର ରାଜପ୍ରାସାଦର ଉତ୍ତର ପଶ୍ଚିମ କୋଣରେ ଏକ ମନ୍ଦିର ନିର୍ମାଣକରି ଦେବୀ କନକଦୁର୍ଗାଙ୍କୁ ପ୍ରତିଷ୍ଠା କରାଇଥିଲେ। ଏହି ସ୍ମୃତିର ପ୍ରତୀକ ସ୍ୱରୂପ ଦଶହରା ପର୍ବ ଧୁମଧାମରେ କରାଯାଉଥିଲା। ସେବେଠାରୁ ଏଠାରେ ଦଶହରା ପର୍ବ ୧୬ ଦିନବ୍ୟାପୀ ପାଳନ କରାଯାଉଛି।

ଧୀରେ ଧୀରେ ସେହି ପରମ୍ପରା ଲୋପ ପାଇଯାଉଥିବା ବେଳେ ଦଶହରା ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମା'ଙ୍କ ପ୍ରତୀକ ଲାଠିପୂଜା କରାଯାଇଛି। ଆଦିବାସୀ ନାଚଗୀତ ସହ ଅସ୍ତ୍ରଶସ୍ତ୍ରର ପୂଜା କରାଯାଇଛି। ରାଜାଙ୍କ ଅସ୍ତ୍ରାଗାରର ସମସ୍ତ ଅସ୍ତ୍ରଶସ୍ତ୍ର ପୂଜା କରାଯାଇ କରାଯାଇଥିଲା। ମହା ନବମୀରେ ରାଜା ଏକ ବିରାଟ ପଟୁଆରରେ ନିଜର ପରିଷଦ ବର୍ଗଙ୍କ ସହ ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ଦର୍ଶନ କରି ଫେରିଥିଲେ। ପ୍ରସିଦ୍ଧ ଜୟପୁର ଦଶହରାର ଅନ୍ୟତମ ଆକର୍ଷଣ ଲାଠିପୂଜାରେ ଲାଠିଧାରୀମାନେ ରାଜ ଉଆସରେ ପହଞ୍ଚିବା ପରେ ସେମାନଙ୍କୁ ରାଜ ପରିବାର ତରଫରୁ ସ୍ୱାଗତ କରାଯାଇଥିଲା।

# ଯୁବତୀଙ୍କ ଫଟୋ ଦେଖାଇ ଲୁଟୁଛନ୍ତି

## ମାଲକାନଗିରିରେ ମାତିଛନ୍ତି ସାଇବର ଠକ

ମାଲକାନଗିରି,୬।୧୦(ଡି.ଏନ.ଏ.)

ମାଲକାନଗିରି ଜିଲାରେ ସାଇବର ଠକମାନେ ମାତିଛନ୍ତି। ସେମାନେ ଅଭିନବ ଉପାୟରେ ଯୁବପିଢ଼ିଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। କେତେକ ସାଇବର ଠକ ସୁନ୍ଦରୀ ଯୁବତୀମାନଙ୍କ ମାଧ୍ୟମରେ କେତେକ ଫଟୋ ଦେଖାଇ ସେମାନଙ୍କ ସହ ମିଶିବା ପାଇଁ କଥାବାର୍ତ୍ତା କରନ୍ତି। କେଉଁ ଯୁବତୀଙ୍କ ପାଇଁ କେତେ ଅର୍ଥ ଦେବାକୁ ପଡ଼େ ତାହା କଥାବାର୍ତ୍ତା ବେଳେ ସ୍ଥିର ହୋଇଥାଏ। ଯୁବତୀମାନଙ୍କୁ ଚୟନ କରିବା ପରେ ୟୁପିଆଇ ମାଧ୍ୟମରେ ଟଙ୍କା କାରବାର ହୋଇଥାଏ। ପରେ ସେହି ଯୁବକମାନଙ୍କୁ ହୋଟେଲକୁ ଆସିବାକୁ କୁହାଯାଇଥାଏ। ମାତ୍ର ଅନେକ ଯୁବକ ହୋଟେଲକୁ ଯାଇ ହୋଟେଲର ମ୍ୟାନେଜରଙ୍କୁ ରୁମ୍ ନମ୍ବର ଓ ଯୁବତୀଙ୍କ ବିଷୟରେ ପଚାରିବା ପରେ ସେଠାରେ କୌଣସି ଯୁବତୀଙ୍କ ଦେଖା ନ ଥାଏ। ଅନ୍ୟପକ୍ଷରେ ଜଣେ ଯୁବତୀ ଜଣେ ଯୁବକଙ୍କ ସହ ଦେହ ବ୍ୟବସାୟ ଓ ସ୍ଥାନ ସମ୍ପର୍କରେ ବାର୍ତ୍ତାଳାପ କରୁଥିବା ଅଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। ତେବେ ଏ ସମ୍ପର୍କରେ ଜଣେ ହୋଟେଲ ମ୍ୟାନେଜର କହିଛନ୍ତି, ୬ରୁ ୭ ଜଣ ଯୁବକ ହୋଟେଲ ଆସି ଯୁବତୀଙ୍କ ସମ୍ପର୍କରେ ପଚାରିଥିଲେ। ମାତ୍ର ଏପରି କୌଣସି ଯୁବତୀ ହୋଟେଲକୁ ଆସିନାହାନ୍ତି କିମ୍ବା କୌଣସି ଯୁବତୀଙ୍କ ପ୍ରତି ସନ୍ଦେହ ସୃଷ୍ଟି ହେଲେ ତାଙ୍କୁ ଆମେ ହୋଟେଲରେ ରହିବା ପାଇଁ ଅନୁମତି ଦେଇ ନ ଥାଉ ବୋଲି ସମ୍ପୃକ୍ତ ହୋଟେଲ ମ୍ୟାନେଜର କହିଛନ୍ତି। ଏଥିପ୍ରତି ପୋଲିସ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ନିଆରା ପରମ୍ପରା: ଶାବର ଶ୍ରୀକ୍ଷେତ୍ରର ଲାଠିଯାତ୍ରା

## ବାଉଁଶ ଖଣ୍ଡ ସାଜନ୍ତି ଗ୍ରାମ ପ୍ରତିନିଧି

କୋରାପୁଟ,୬।୧୦(ସ୍ୱ.ପ୍ର.)

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଦଶହରାର ନିଆରା ପରମ୍ପରା ଲାଠିଯାତ୍ରା ମହା ଆଡମ୍ବର ସହକାରେ ବୁଧବାର ଶେଷ ହୋଇଛି। ଏନେଇ କୋରାପୁଟ ସହର ଢୋଲ ଓ ବାଜାରେ ପ୍ରକମ୍ପିତ ହୋଇଉଠିଥିଲା। ଦଶହରା ଆସିଲେ ଶାବର ଶ୍ରୀକ୍ଷେତ୍ରରେ ଲୋକେ ଲାଠିଯାତ୍ରା ଦେଖିବା ପାଇଁ ଅପେକ୍ଷା କରିଥାନ୍ତି। କୋରାପୁଟର ଏହି ଲାଠିଯାତ୍ରା ଏକ ଭିନ୍ନଯାତ୍ରା, ଯେଉଁଠି ବାଉଁଶ ଖଣ୍ଡ ହୁଅନ୍ତି ଗ୍ରାମର ପ୍ରତିନିଧି। ଗ୍ରାମ ଦେବତୀ ଭାବେ ପୂଜା ପାଆନ୍ତି ବାଉଁଶଖଣ୍ଡ। ଗ୍ରାମଗୁଡିକରୁ ଲାଠି ଏକାଠି ନ ହେଲେ ଆରମ୍ଭ ହୁଏନି ଦଶହରା। କୋରାପୁଟର ଆଖପାଖ ଅଞ୍ଚଳର ୨୦ଟି ଗ୍ରାମରୁ ନିଜ ଗ୍ରାମଦେବୀଙ୍କ ପ୍ରତିନିଧି ରୂପେ ଆସିଥାନ୍ତି ଲାଠି। ଲାଠି ସହ ଶାବର ଶ୍ରୀକ୍ଷେତ୍ରରେ ଶହ ଶହ ଆଦିବାସୀ ପରିବାର ପହଞ୍ଚିବା ପରେ




ବାହାରିଥିବା ଲାଠି ଶୋଭାଯାତ୍ରା।

ଆରମ୍ଭ ହୁଏ ଲାଠିଯାତ୍ରା। ଗୁରୁମାଇଙ୍କ ଆଦିବାସୀ ଭାଷାରେ ଉଚ୍ଚାରିତ ମନ୍ତ୍ର ସହିତ ପାରମ୍ପରିକ ବାଦ୍ୟର ଝଙ୍କାରରେ ପାଳିତ ହୁଏ ଲାଠିଯାତ୍ରା। ବିଭିନ୍ନ ରଙ୍ଗର ପତ୍ରଫୁଲରେ ସଜେଇ ହୋଇଥିବା ବାଉଁଶ ଖଣ୍ଡେ ଗାଁ ଠାକୁରାଣୀଙ୍କ ସାଜନ୍ତି ପ୍ରତିନିଧି। ଦଶହରା ଦିନ ଏପରି ଲାଠି ପ୍ରତିନିଧିଙ୍କ ସମାଗମ ହୁଏ ଶାବର ଶ୍ରୀକ୍ଷେତ୍ର କୋରାପୁଟରେ। ଆଖପାଖ ଗାଁଗୁଡିକରୁ ଆସିଥାଏ ଏହି ଲାଠି। ଲାଠି ଧାରନ୍ତି ଦିଶାରୀ। ସାଥିରେ ଥାଆନ୍ତି ତାଙ୍କ ଗ୍ରାମର ମହିଳା ଓ ପୁରୁଷ। ଏହି ଲାଠିଯାତ୍ରା ନେଇ ମନ୍ଦିର ପରିଚାଳନା କମିଟି ସଦସ୍ୟ ଭବାନୀ ଶଙ୍କର ଆଚାର୍ଯ୍ୟ କହନ୍ତି, ୧୯୬୨ ମସିହାରୁ ଶାବର ଶ୍ରୀକ୍ଷେତ୍ରରେ ଥିବା ବିମଳା ମନ୍ଦିରଠାରେ ବିଭିନ୍ନ ଗ୍ରାମରୁ ଆସିଥିବା ଲାଠିପୂଜା ଅର୍ଚ୍ଚନା ହୋଇଥାଏ। ଦିଶାରୀ ଓ ଗୁରୁମାଇଙ୍କ କାଳିସି ନୃତ୍ୟରେ ଏକ ଶୋଭାଯାତ୍ରା ବାହାରି ସ୍ଥାନୀୟ ନିଶାଣିମୁଣ୍ଡା ଠାକୁରାଣୀଙ୍କ ନିକଟରେ ଲାଠିପୂଜା ହୋଇଥାଏ। ପରେ ଏଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଲାଠିଯାତ୍ରା ଶେଷ ହୋଇଥାଏ। ଦୀର୍ଘ ଦୁଇ ବର୍ଷ ଧରି ବନ୍ଦ ରହିଥିବା ଏହି ଯାତ୍ରା ଚଳିତ ବର୍ଷ ଧୁମଧାମରେ ପାଳିତ ହୋଇଛି।

# ଛତିଶଗଡ଼ ରାଜାଙ୍କ ପ୍ରତିଶ୍ରୁତିରୁ ପାଳନ ହେଉଛି ବାସି ଦଶହରା

■ ଜୟପୁର ଦଶହରା ସହ ରହିଛି ସମ୍ପର୍କ

■ ଗାଁ ମଝିରେ ସ୍ଥାପିତ ୪ ଲାଠିକୁ ଦଶହରା ପଡିଆକୁ ନିଆଯାଏ

କୋଷାଗୁମୁଡ଼ା, ୬।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅଧୀନ ରାଜୋଡା ପଞ୍ଚାୟତର ଚୁରୁଚୁଣ୍ଡା ଗ୍ରାମରେ ଗୁରୁବାର ବାସି ଦଶହରା ତଥା 'ଖନ୍ଦାଖାଇ' ଦଶହରା ପାଳନ କରାଯାଇଛି। ଛତିଶଗଡ଼ ରାଜ୍ୟ ଜଗଦଲପୁରର ରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏହି ଅଞ୍ଚଳର ଜଣେ ଝିଅଙ୍କୁ ଭଲ ପାଇଥିଲେ। ରାଜା ବିବାହ କରିବା ପାଇଁ ତାଙ୍କୁ ନେଇଯିବାବେଳେ ଝିଅଙ୍କ ଘର ଓ ଗ୍ରାମବାସୀ ରାଜା ପ୍ରବୀଣଙ୍କୁ ଘଉଡାଇଥିଲେ। ରାଜା ଚୁରୁଚୁଣ୍ଡା ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ସୁରକ୍ଷିତ ସ୍ଥାନରେ ରଖିଥିଲେ। ପ୍ରତ୍ୟେକ ବର୍ଷ ଜଗଦଲପୁର ଦଶହରାର ପରଦିନ ଚୁରୁଚୁଣ୍ଡାରେ ଦଶହରା ପର୍ବ ପାଳନ କରାଯିବ ବୋଲି ରାଜା ପ୍ରତିଶ୍ରୁତି ଦେଇଥିଲେ। ରାଜା ବଞ୍ଚିଥିବା ପର୍ଯ୍ୟନ୍ତ ଦଶହରା ପର୍ବରେ ସାମିଲ ହେଉଥିଲେ ବୋଲି ଅଞ୍ଚଳର ବରିଷ୍ଠ ଲୋକମାନେ କହିଛନ୍ତି। ସେହିଭଳି କୋରାପୁଟ ଜିଲା ଜୟପୁର ରାଜା ବିକ୍ରମଦେବଙ୍କ ଦଶହରା ପୂଜା ସରିବା ପରେ ସେଥିରେ ସାମିଲ ହୋଇଥିବା ଲାଠି, କୁର୍ସି ସବୁ ଚାଲି ଚାଲି ଏହି ଗ୍ରାମକୁ ପୂଜାରେ ସାମିଲ ହେଉଥିବା ପରମ୍ପରା ରହିଛି ବୋଲି ଗ୍ରାମବାସୀ କହିଛନ୍ତି।



ଦଶହରା ପଡ଼ିଆରେ ପୂଜା ଚାଲିଛି।

ଦ୍ୱିତୀୟାରେ ଗାଁ ମଝି ତଥା ଗଙ୍ଗାଦେବୀ ମନ୍ଦିର ନିକଟରେ ୪ଟି ଲାଠିକୁ ବଳି ଦେଇ ମା' ମାଉଲି, ଭୈରବୀ, ଠାକୁରାଣୀ ଓ ଚାହୁଁରିଆଙ୍କ ନାମରେ ସ୍ଥାପନ କରାଯାଏ। ସେଠାରେ ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ପୂଜାପାଠ କରାଯାଇଥାଏ। ଲାଠିମାନଙ୍କୁ ବାସି ଦଶହରା ଦିନ ଦଶହରା ପଡ଼ିଆକୁ ନିଆଯାଇ ସ୍ଥାପନ କରାଯାଏ। ଆଖପାଖ ଅଞ୍ଚଳ ତଥା ଖୁଟିଗୁଡା, ପଣ୍ଡୁଗୁଡା, ଜାବାଗୁଡା, ଆମ୍ବାଗୁଡ଼ା, ଗାଦବାଗୁଡା, ରାଜୋଡା ଗ୍ରାମର ଲାଠି, କୁର୍ସି, ପୂଜାରୀ, ଶିରା, ସମସ୍ତେ ଗଙ୍ଗା ଦେବୀ ମନ୍ଦିର ନିକଟରେ ଏକାଠି ହୋଇଥାନ୍ତି। ଶଙ୍ଖ, ବାଜା ବଜାଇ ଗାଁ ପରିକ୍ରମା କରି ସମସ୍ତଙ୍କୁ ଦଶହରା ପଡିଆକୁ ନିଆଯାଇଥାଏ। ଲାଠିର ଅଗ୍ରଭାଗରେ କିଛି ଟଙ୍କାକୁ ନୂଆ କପଡ଼ାରେ ବନ୍ଧାଯାଇ ଠିଆ କରଯାଏ। ଉକ୍ତ ଟଙ୍କାକୁ ଯେଉଁମାନେ ଟେକାମାରି ଖସାଇବେ ସେମାନଙ୍କୁ ପୂଜାରୀମାନେ ପୁରସ୍କୃତ କରିଥାନ୍ତି। ଦଶହରା ରାତିରେ ଲୋକମାନଙ୍କ ମନୋରଞ୍ଜନ ପାଇଁ ଦୁଇଟି ଦେଶିଆ ନାଟକ ପରିବେଷଣ କରାଯାଇଥିଲା। ଶୁକ୍ରବାର ମା' ଦୁର୍ଗାଙ୍କ ମୂର୍ତ୍ତି ଭସାଣି କାର୍ଯ୍ୟକ୍ରମ ରହିଛି।

# ଶୋଭାଯାତ୍ରାରେ ଆସିଲେ ୨୪ ପୀଠରୁ ଲାଠି, ଚୌକି

ନବରଙ୍ଗପୁର,୬।୧୦(ବି.ପ୍ର.)

ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାରଘରଣୀଙ୍କ ପୀଠରେ ନବରାତ୍ରି ପୂଜାବିଧି ସରିଛି। ଦଶହରା ଦିନ ବିଭିନ୍ନ ଦେବୀ ପୀଠରୁ ଆସିଥିବା ୨୪ ଲାଠି, ଚୌକି ଆଦି ମାଁ ଭଣ୍ଡାର ଘରଣୀଙ୍କ ପୀଠରୁ ବାହାରି ଶୋଭାଯାତ୍ରାରେ ବାଜା ବଜଣା ସହ ଦଶହରା ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଏକ ବିରାଟ ଲମ୍ବା ବାଉଁଶ ଲାଠିରେ ବନ୍ଧାଯାଇଥିବା ପେଣ୍ଠୁକୁ ଧନୁଶର ମାଧ୍ୟମରେ ଲାଖ ବିନ୍ଧା କରାଯାଇଥିଲା। ରାଜା ରାଜୁଡ଼ା କାଳରୁ ଚାଲି ଆସୁଥିବା ଦଶହରା ପଡିଆରେ ବାଉଁଶ ଉପରେ ଯେଉଁ ପେଣ୍ଠୁ ବନ୍ଧା ଯାଇଥାଏ ତାହା ଲାଖ କାରୁକାର୍ଯ୍ୟରେ ନିର୍ମିତ ପେଣ୍ଠୁ। ପେଣ୍ଠୁ ଭିତରେ ଫମ୍ପା ଓ ଭିତରେ ବିଭିନ୍ନ ରଙ୍ଗ ଦିଆଯାଇଥାଏ। ବିଶେଷ ଭାବରେ ଉକ୍ତ ପେଣ୍ଠୁକୁ ଲାଖ ଶିଳ୍ପୀମାନେ ପ୍ରସ୍ତୁତ କରି ଦେଇଥାନ୍ତି। ସେହି ସମୟର ରାଜାଙ୍କ ଦ୍ୱାରା ଲାଖବିନ୍ଧା ପ୍ରତିଯୋଗିତା ଦଶହରା ସମୟରେ କରାଯାଉଥିଲା ବୋଲି ଲୋକଶ୍ରୁତି ରହିଛି। ଏବେବି ଏହି ପରମ୍ପରା ନବରଙ୍ଗପୁରରେ ବଜାୟ ରହିଛି ଏବଂ ଦଶହରାରେ ତାହାକୁ ପାଳନ କରାଯାଏ। ଦଶହରା ପଡିଆରେ ଭଣ୍ଡାରଘରଣୀଙ୍କ ପୀଠରୁ ବାହାରି ଥିବା ପାଟ ଖଣ୍ଡା, ଲାଠି ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମ ଆଦି କରାଯାଇଥିଲା। ପୂଜାର୍ଚ୍ଚନା ସରିବା ପରେ ବିଭିନ୍ନ ପୀଠରୁ ଆସିଥିବା ଦେବୀଙ୍କ ଲାଠି ଓ ଚୌକି ନିଜ ନିଜ ପୀଠକୁ ଫେରିଥିବା ବେଳେ ଭଣ୍ଡାରଘରଣୀ ଙ୍କ ପୀଠରୁ ଯାଇଥିବା ପାଟ ଖଣ୍ଡା ବିଭିନ୍ନ ବାଜା ବଜଣା ଓ ବିରାଟ ପଟୁଆରରେ ମାଁ ପୀଠକୁ ଫେରି ଆସିଥିଲା।



ଶୋଭାଯାତ୍ରାରେ ଦେବୀଙ୍କ ପ୍ରତୀକ ଲାଠି, ଚୌକିଙ୍କୁ ନିଆଯାଉଛି।

# ଡାବୁଗାଁରେ ଆଦିବାସୀ ଦଶହରା

ଡାବୁଗାଁ, ୬।୧୦ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାରେ ଗୁରୁବାର ପାରମ୍ପରିକ ଆଦିବାସୀ ଦଶହରା ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରୁ ଲାଠି, କୁର୍ଚି ଓ ଶିରାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଅପରାହ୍ନରେ ସମସ୍ତ ଲାଠି, କୁର୍ଚି ଡାବୁଗାଁ ମାଁ ଠାକୁରାଣୀ ମନ୍ଦିରରେ ପହଞ୍ଚି ଥିଲେ। ସେଠାରୁ ଲାଠି, କୁର୍ଚି, ଶିରା ଓ ଦିଶାରୀମାନେ ସୁସଜ୍ଜିତ ହୋଇ ପାରମ୍ପରିକ ଢୋଲ, ମର୍ଦ୍ଦଳ ତାଳେ ତାଳେ ନାଚି ଗାଁ ପରିକ୍ରମା କରି ମାଁ ଡାବାଦେଇ ମନ୍ଦିରରେ ପହଞ୍ଚିଥିଲେ। ଗୁରୁବାର ସାପ୍ତାହିକ ହାଟ ଥିବାରୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଦଶହରା ପରେ ଆଶ୍ୱିନ ମାସରେ ପଡୁଥିବା ଗୁରୁବାରରେ ଆଦିବାସୀ ଦଶହରା ପାଳିତ ହୋଇଥାଏ।



## ମାଁଙ୍କୁ ଭାବପୂର୍ଣ୍ଣ ବିଦାୟ

ଉମରକୋଟ, ୬।୧୦(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଗୁଲିପାଟଣା କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ଆୟୋଜିତ ପୂଜା ମେଢ଼ ଭସାଣି ଉତ୍ସବ ଏକ ଭାବବିହ୍ୱଳ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୟରେ ବାଣ ଓ ନାଚରେ ସହର ଦୁଲୁକିଯାଇଥିଲା। ଶାନ୍ତି ଶୃଙ୍ଖଳାର ସହ ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। ପ୍ରଶାସନ ପକ୍ଷରୁ ରାଇଘର ଯିବା ରାସ୍ତାରେ ତିଆରି କରାଯାଇଥିବା କୃତ୍ରିମ ପୋଖରୀରେ ବିସର୍ଜନ କରାଯାଇଥିଲା। ଉମରକୋଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂଜା ପାଇଁ ସମଗ୍ର ସହରରେ ଭିଡ଼ ଥିଲା। ଗୁଲିପାଟଣା ସାହି ଦୁର୍ଗାପୂଜା ଆୟୋଜକଙ୍କ ପକ୍ଷରୁ ସ୍ଥାନୀୟ କଳାକାରଙ୍କୁ ନେଇ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଚଳିତ ବର୍ଷ ଉମରକୋଟ ସହରରେ ୮ଟି



ସ୍ଥାନ ରେ ପୂଜା ଅନୁଷ୍ଠିତ ହେଇଥିଲା। ସମସ୍ତ ପୂଜା କମିଟି ପାଇଁ ସ୍ୱତନ୍ତ୍ର ରୁଟ୍‌ର ବ୍ୟବସ୍ଥା କରାଯାଇଛି। ଟ୍ରାଫିକ ସମସ୍ୟା ନ ଉପୁଜିବା ଉପରେ ଗୁରୁତ୍ୱ ଦେଇଛି ଉମରକୋଟ ପୋଲିସ। ଭସାଣି ସମୟରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅଧିକ ଉଚ୍ଚ ସ୍ୱରରେ ଡିଜେ ବଜାଇବା ଉପରେ କଟକଣା ଥିଲା। ଗୁଲିପାଟଣା ସାହି ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ଥିଲା। କମିଟି ସମସ୍ତ ସଦସ୍ୟ ଓ ସାହି ବାସିନ୍ଦା ଏହି ସମୟରେ ଉପସ୍ଥିତ ଥିଲେ।

# ରାସ୍ତାରେ ଦୀର୍ଘ ସମୟ ଫସିରହିଲା ଆମ୍ବୁଲାନ୍ସ

■ ଅଜେକେପୁରରେ ରାବଣ ପୋଡ଼ି ଦେଖିବାକୁ ପ୍ରବଳ ଭିଡ଼

■ ପୋଲିସର ପୂର୍ବ ପ୍ରସ୍ତୁତିକୁ ନେଇ ପ୍ରଶ୍ନ

ରାୟଗଡ଼ା ଅଫିସ,୬।୧୦

ଦଶହରା ଉପଲକ୍ଷେ ରାୟଗଡ଼ା ଜିଲା ଜେକେପୁର ଠାରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ ବର୍ଷ ପରେ ରାବଣ ଦହନ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏଥିପାଇଁ ମୁଖ୍ୟରାସ୍ତାରେ ଟ୍ରାଫିକ୍ ଜାମ ପରିସ୍ଥିତି ଉପୁଜିଥିଲା। ଆମ୍ବୁଲାନ୍ସକୁ ମଧ୍ୟ ରାସ୍ତା ମିଳି ନ ଥିଲା। ରୋଗୀଙ୍କୁ ନେଇ ଯାଉଥିବା ଏକ ଆମ୍ବୁଲାନ୍ସ ଦୀର୍ଘ ସମୟ ପର୍ଯ୍ୟନ୍ତ ଭିଡ଼ରେ ଫସିଥିବା ସମୟର ଭିଡିଓ ଭାଇରାଲ ହେବାପରେ ପୋଲିସର ପୂଜା ପ୍ରସ୍ତୁତିକୁ ନେଇ ପଶ୍ନ ଉଠିଛି। ଆବଶ୍ୟକ ପୋଲିସ ଫୋର୍ସ ମୁତୟନ ହୋଇ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି। ପୂର୍ବ ପ୍ରସ୍ତୁତି କରି କାହିଁକି ବ୍ୟବସ୍ଥା କରାଯାଇ ନାହିଁ ବୋଲୀ ଆଲୋଚନା ହେଉଛି ପୋଲିସ ଅଭାବ ଯୋଗୁଁ ଟ୍ରାଫିକ ସମସ୍ୟା ଉପୁଜି ଥିବା ମଧ୍ୟ ଆଲୋଚନା ହେଉଛି।



ଭିଡ଼ ମଧ୍ୟରେ ଫସିରହିଥିବା ଆମ୍ବୁଲାନ୍ସ।

## ଛୁଟିରେ ଯାଇଥିବାବେଳେ ୪ ଶିକ୍ଷକଙ୍କ ଘରୁ ଚୋରି

ଝରିଗାଁ, ୬।୧୦(ସ୍ୱ.ପ୍ର.)

ଦଶହରା ଛୁଟିରେ ଘରକୁ ଯାଇଥିବାର ସୁଯୋଗ ନେଇ ୪ଟି କ୍ୱାର୍ଟର୍ସର ତାଲା ଭାଙ୍ଗି ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଝରିଗାଁ ବ୍ଲକ ଚଚା ପଞ୍ଚାୟତ ସଦରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୪ ଶିକ୍ଷୟିତ୍ରୀ ଶିକ୍ଷକ। ଦଶହରା ଛୁଟି ହୋଇଥିବା ଯୋଗୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ସୋମବାର ନିଜ ଘରକୁ ଯାଇଥିଲେ। ମଙ୍ଗଳବାର ସକାଳୁ ବିଦ୍ୟାଳୟ ପରିସରରେ ଥିବା ୪ଟି କ୍ୱାର୍ଟର୍ସର ତାଲା ଭଙ୍ଗା ଯାଇଥିବା ଦେଖି ବିଦ୍ୟାଳୟରେ ରହୁଥିବା ଜଣେ କର୍ମଚାରୀ ସମ୍ପୃକ୍ତ ଘରେ ରହୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜଣାଇଥିଲେ। ଏହାପରେ ସେମାନେ ଝରିଗାଁ ଥାନାରେ ମଙ୍ଗଳବାର ଅପରାହ୍ନରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମୋଟ ନଗଦ ୯ହଜାର ୮ଶହ ଟଙ୍କା ସହ ୨ଟି ମୋବାଇଲ୍ ଚୋରି ହୋଇଥିବା ଜଣାପଡିଛି। ଥାନା କେସ୍ ନମ୍ବର ୧୬୨/ ୨୨ରେ ମାମଲା ରୁଜୁ କରାଯାଇଛି। ଥାନା ଅଧିକାରୀ ତପନ କୁମାର ପତି ଘଟଣାର ତଦନ୍ତ କରୁଛନ୍ତି।

# ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

## ବର୍ତ୍ତିଗଲେ ୨ ବର୍ଷର ଶିଶୁକନ୍ୟା

ରାୟଗଡ଼ା ଅଫିସ/ଟିକିରି, ୬।୧୦(ଡି.ଏନ୍.ଏ.)

ରାୟଗଡ଼ା–କୋରାପୁଟ ସୀମାନ୍ତ ଗୁମ୍ମା ଘାଟିରେ ଗୁରୁବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ତେବେ ୨ ବର୍ଷର ଶିଶୁକନ୍ୟା ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୃତକ ହେଲେ କାଶୀପୁର ବ୍ଲକର ଶଙ୍କରଡ଼ା ପଞ୍ଚାୟତ ଅନ୍ତର୍ଗତ ଏକଡେଲି ଗ୍ରାମର ରମେଶ ମାଝି(୩୧)।

ଘଟଣାରୁ ପ୍ରକାଶ, ରମେଶ ସ୍ତ୍ରୀ ଚାନ୍ଦିନୀ ଏବଂ ଝିଅ ଶିବାନୀ(୨)ଙ୍କୁ ନେଇ ବାଇକ୍(ଓଆର୍ ୧୮ ଜେ ୫୮୭୨)ଯୋଗେ କୋରପୁଟ ଯାଉଥିଲେ। ଗୁମ୍ମା ଘାଟ ରାସ୍ତାରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତାରେ ଠିଆ ହୋଇଥିବା ବୋଲେରୋ(ଓଡି ୧୮ ବି ୮୭୮୭)କୁ ଧକ୍କା ଦେଇଥିଲା। ଏଥିରେ ରମେଶଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଗୁରୁତର ହୋଇଥିଲେ। ତେବେ ୨ ବର୍ଷର ଝିଅଙ୍କୁ କୌଣସି ଆଘାତ ଲାଗି ନ ଥିବା ଜଣାପଡ଼ିଛି। ଗୁରୁତର ଚାନ୍ଦିନୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କୁମ୍ଭିକଟା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ବୋଲେରୋ ଏବଂ ବାଇକ୍‌କୁ ଜବତ କରାଯାଇ ତଦନ୍ତ ଚାଲିଥିବା ପୋଲିସ ପ୍ରକାଶ କରିଛି।

ଗୁମ୍ମାଘାଟିରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହାକୁ ରୋକିବାକୁ ପଦକ୍ଷେପ ନେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

# ଧନୁର୍ବିଦ୍ୟାକୁ ବଞ୍ଚାଇ ରହିଛି ଲାଖବିନ୍ଧା ପର୍ବ

ଚନ୍ଦାହାଣ୍ଡି, ୬।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସଦରରେ ଦଶହରାରେ ଲାଖବିନ୍ଧା ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ୩ ଜଣ ଆଦିବାସୀ ଧନୁର୍ଦ୍ଧର ସାମିଲ ହୋଇ ଲାଖ ବିନ୍ଧିଥିଲେ। ଅଣ୍ଟିପଡା ଗ୍ରାମର ଆଦିବାସୀ ଧନୁର୍ଦ୍ଧର କଳାକାର ମାଝି , ପୂନୁ ଝାକର ଏବଂ ତାଙ୍କ ସାଥୀ ଲାଖ ବିନ୍ଧି ଦୁର୍ଗାପୂଜା କମିଟି ଦ୍ୱାରା ପୁରସ୍କୃତ ହୋଇଥିଲେ। ଚନ୍ଦାହାଣ୍ଡି ଥାନା ଏସ୍‌ଆଇ ଶିବ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦାନ ଦେଇ ବିଜୟୀ ଧନୁର୍ଦ୍ଧରମାନଙ୍କୁ ପୁରସ୍କୃତ କରିଥିଲେ। ଦଶହରାରେ ପୁରୁଣା ଲାଖ ବିନ୍ଧା ପରମ୍ପରାକୁ ବଜାୟୀ ରଖିବା ସହ ଆଦିବାସୀଙ୍କ ଧନୁର୍ବିଦ୍ୟାକୁ ବଞ୍ଚାଇ ରଖିବା ଲାଖବିନ୍ଧା ପର୍ବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକ କମିଟି ସୂଚନା ଦେଇଛି।



ଚନ୍ଦାହାଣ୍ଡି ଥାନା ଏସ୍‌ଆଇ ଶିବପ୍ରସାଦ ମହାନ୍ତି କଳାକାର ମାଝିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଦଶହରାରେ ୨ ଘରେ କଳାକନା ବୁଲାଇଲେ

## ଲକ୍ଷାଧିକ ଟଙ୍କା, ସୁନା ଚୋରି

ମୁନିଗୁଡ଼ା,୬।୧୦(ଡି.ଏନ୍.ଏ.)–

ପାର୍ବଣ ସମୟରେ ଚୋର ଏବଂ ଡକାୟତ ସକ୍ରିୟ ହୋଇଛନ୍ତି। ଲୋକେ ଦଶହରା ଛୁଟିରେ ବୁଲାବୁଲି କରୁଥିବାବେଳେ ଏହାର ସୁଯୋଗ ନେଇ ବନ୍ଦ ଘରକୁ ଦୁର୍ବୃତ୍ତ ଟାର୍ଗେଟ କରୁଛନ୍ତି। ମୁନିଗୁଡ଼ା ଶୁଣ୍ଡି ସାହି ଅଞ୍ଚଳରେ ବୁଧବାର ରାତିରେ ଦୁର୍ବୃତ୍ତ ଜଣେ ଫ୍ଲଟ ବ୍ୟବସାୟୀଙ୍କ ଘରେ ପଶି କଳାକନା ବୁଲାଇଛନ୍ତି। ଘରେ ଥିବା ଲକ୍ଷାଧିକ ଟଙ୍କା ଏବଂ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଶୁଣ୍ଡି ସାହିରେ ରହୁଥିବା ବ୍ୟବସାୟୀ ଶରତ ସାହୁ ଦଶହରା ପାଇଁ ପରିବାର ସଦସ୍ୟଙ୍କୁ ନେଇ ବୁଧବାର ବିଷମକଟକ ସ୍ଥିତ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ। କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ମୁଖ୍ୟ କବାଟର ତାଲା ଭାଙ୍ଗି ଘରେ ପଶିଥିଲେ। ଅଲମୀରା ଭାଙ୍ଗି ସେଥିରେ ଥିବା ଲକ୍ଷାଧିକ ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଚୋରି କରି ନେଇଥିଲେ। ଘର କବାଟ ଖୋଲାଥିବା ଦେଖି ସାହି ଲୋକେ ଶରତଙ୍କୁ ଫୋନ୍‌ରେ ଜଣାଇଥିଲେ। ଏହାପରେ ସେ ଘରକୁ ଆସି ଦେଖିବା ସମୟରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଶରତ ମୁନିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଟିମ୍ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିବାବେଳେ ପରେ ରାୟଗଡ଼ାର ସାଇଣ୍ଟିଫିକ ଟିମ୍ ଓ ସନ୍ଧାନି କୁକୁର ସହାୟତାରେ ତଦନ୍ତ ଚାଲିଥିବା ଜଣାପଡ଼ିଛି। ଥାନାରେ ୨୦୮/୨୨ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁଜ୍ଞାନି ସାହୁ ସୂଚନା ଦେଇଛନ୍ତି। ସେହିପରି ଶୁଣ୍ଡି ସାହି ନିକଟସ୍ଥ ସାହିରେ ଏଜେଣ୍ଟ ରବି କାଦମ୍ବାଲୁଙ୍କ ଦୁଇଟି ଘରେ ରହୁଥିବା ଭଡ଼ାଟିଆ ଛୁଟିରେ ଗାଁକୁ ଯାଇଥିବାବେଳେ ଗୋଟିଏ ଘରୁ ଦୁର୍ବୃତ୍ତ ୪ ତୋଳା ସୁନା ଚୋରିକରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଞ୍ଚଳରେ ଚୋରି ବୃଦ୍ଧି ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି।



ଶରତଙ୍କ ଘରେ ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି।

# ୧୨ରେ ମଶାଲ ଶୋଭାଯାତ୍ରା

## ନବରଙ୍ଗପୁର କଲେଜ ସୁବର୍ଣ୍ଣ ଜୟନ୍ତୀ ପାଳନ

ନବରଙ୍ଗପୁର,୬।୧୦(ବି.ପ୍ର.)

ନବରଙ୍ଗପୁର କଲେଜ ସୁବର୍ଣ୍ଣ ଜୟନ୍ତୀ ପାଳନ ପୂର୍ବରୁ ଆସନ୍ତା ୧୨ ତାରିଖରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ଚୁଡାନ୍ତ କରାଯାଇଛି। ନବରଙ୍ଗପୁର ଆଲୁମ୍ନି କମିଟି ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ମଶାଲ ଶୋଭାଯାତ୍ରାଟି ସ୍ଥାନୀୟ ଭଣ୍ଡାର ଘରଣୀ ମନ୍ଦିରରୁ ବାହାରି କଲେଜ ପରିସରରେ ପହଞ୍ଚିବ। ସେଠାରେ ଅନୁଷ୍ଠାନିକଭାବେ ଅତିଥିଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯିବ। ଶୋଭାଯାତ୍ରାରେ ଦଳ ମତ ନିର୍ବିଶେଷରେ ସ୍ଥାନୀୟ ନେତୃ ମଣ୍ଡଳ, ନବରଙ୍ଗପୁର ପୌର ପରିଷଦର ନେତୃମଣ୍ଡଳ, ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ ଛାତ୍ର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଆଖଡା ଦଳ , ବାଜା ବାଜଣା ଦଳ, ସହରବାସୀ ପ୍ରମୁଖ ସାମିଲ ହେବେ। ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ନ ସ୍ଥାନୀୟ ପୌରପାଳିକା ସମ୍ମିଳନୀ କକ୍ଷରେ ଆଲୁମ୍ନି କମିଟି କାର୍ଯ୍ୟକାରିଣୀ ସଦସ୍ୟ ଓ ପୌରପରିଷଦ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଗଣେଶ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୌରାଞ୍ଚଳର ବିଭିନ୍ନ ୱାର୍ଡର ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ମଶାଲ ଶୋଭାଯାତ୍ରାକୁ କିଭଳି ଭବ୍ୟ ଓ ଆଡମ୍ବର ସହକାରରେ ପାଳନ କରିବାକୁ ପୌରାଧକ୍ଷ କୁନୁ ନାୟକ ଆହ୍ୱାନ ଦେଇଛନ୍ତି। ହୋଡିଂ ଲଗାଇ ପ୍ରଚାର ପ୍ରସାର କରାଯିବାକୁ ପରିଷଦ ସଦସ୍ୟମାନେ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ସୌମ୍ୟା ମହାପାତ୍ର, କାଉନସିଲର ରଞ୍ଜିତା ପଣ୍ଡା, ମମତା ମହାରଣା , ଏ. ସତୀଶ, ଏମ ମୁରୁଳି କ୍ରୀଷ୍ଣା, ନଗେନ୍ଦ୍ର ପଟ୍ଟନାୟକ, ପି ଉଷା ରାଣୀ, ଏମ ରାଜେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଶୀଘ୍ର ବିଭିନ୍ନ ଅନୁଷ୍ଠାନ, ପୂର୍ବତନ କଲେଜ ସଭାପତି ,ସମ୍ପାଦକଙ୍କ ସମେତ ସହରର ଅନେକ ବିଶିଷ୍ଟ ପୁରୁଖା ବ୍ୟକ୍ତିଙ୍କ ସହ ବୈଠକ କରାଯିବ ବୋଲି ସଭାପତି ଗଣେଶ ଦାଶ ସୂଚନା ଦେଇଛନ୍ତି।



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com



@ ଚନ୍ଦନ



@ ଦେବ୍ କୁମାର



@ ମାନସ



@ ପ୍ରଫୁଲ୍ଲ



@ ସୁରଜ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

